# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 July– 2026**

## ପୂର୍ବାଞ୍ଚଳ ପରିଷଦ ବୈଠକ

ପୂର୍ବାଞ୍ଚଳ ପରିଷଦ ସ୍ଥାୟୀ କମିଟିର ପଞ୍ଚଦଶତମ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆନ୍ତଃରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ବିଭିନ୍ନ ପ୍ରସଙ୍ଗର ସମାଧାନକୁ ତ୍ୱରାନ୍ୱିତ କରିବା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ତଥା ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## ଡାକ୍ତର ଆନ୍ଦୋଳନ

ଡାକ୍ତରମାନଙ୍କର ଦାବି ପୂରଣ ପ୍ରସଙ୍ଗରେ ସ୍ୱାସ୍ଥ୍ୟ ବିଭାଗ  ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଅର୍ଥ ସଚିବ କମିଟିର ଅଧ୍ୟକ୍ଷ ଅଛନ୍ତି । ଆସନ୍ତା ୨୨ ତାରିଖରେ କମିଟି ସହ ଓଡ଼ିଶା ମେଡ଼ିକାଲ୍ ସର୍ଭିସ୍ ଆସୋସିଏସନ୍-ଓମ୍ସାର ପ୍ରଥମ ବୈଠକ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ୧୦ଦଫା ଦାବି ନେଇ ଜୁଲାଇ ପହିଲାରୁ ଡାକ୍ତରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ ଏବଂ ୪ ତାରିଖରେ ସରକାର ଓମ୍ସା ସହିତ ଆଲୋଚନା କରିଥିଲେ ।

## ଡିଜିଟାଲ ସାର୍ଟିଫିକେଟ୍

ଚଳିତବର୍ଷ ମେଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଡିଜିଟାଲ ସାର୍ଟିଫିକେଟ୍ ଉପଲବ୍ଧ ହେଉଛି । ଛାତ୍ରଛାତ୍ରୀମାନେ ସେମାନଙ୍କର ରୋଲ୍ ନମ୍ବର ବ୍ୟବହାର କରି ଡିଜିଟାଲ ସାର୍ଟିଫିକେଟ୍ ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି । ମେଟ୍ରିକ୍ ସାର୍ଟିଫିକେଟ୍ ପ୍ରଥମଥର ପାଇଁ ଦୁଇ ଭାଷାରେ ମୁଦ୍ରଣ କରାଯାଉଥିବାରୁ ସାମାନ୍ୟ ବିଳମ୍ବ ହେଉଛି । ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷାରେ ନାମ ଲେଖାଇବା ପାଇଁ ଡିଜିଟାଲ୍ ସାର୍ଟିଫିକେଟ୍‌ର ବ୍ୟବସ୍ଥା କରାଯାଇଛି  ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି ।

## ଶିଶୁ ବାଟିକା ନିଯୁକ୍ତି ଖବର

ସାମାଜିକ ଗଣମାଧ୍ୟମରେ ପ୍ରସାର ହେଉଥିବା ଶିଶୁ ବାଟିକାରେ ଶିକ୍ଷକ ନିଯୁକ୍ତି ସମ୍ବନ୍ଧୀୟ ଖବରକୁ ଅର୍ଥ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି । ଅର୍ଥ ବିଭାଗର ସୂଚନା ଅନୁସାରେ ସରକାରଙ୍କ ପକ୍ଷରୁ ଏ ସଂପର୍କରେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ । ଏଭଳି ବିଭ୍ରାନ୍ତ, ଅନଧୀକୃତ ମନଗଢ଼ା ଖବରରୁ ଦୂରେଇ ରହିବା ପାଇଁ ଜନସାଧାରଣଙ୍କୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଜନଜାତି ବ୍ୟାପାର ମନ୍ତ୍ରୀଙ୍କ ଗସ୍ତ

କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଗସ୍ତରେ ଯାଇ ଜଗନ୍ନାଥ ସଂସ୍କୃତିର ଆଦିପୀଠ ମହାପ୍ରଭୁ

ନୀଳମାଧବଙ୍କୁ ଦର୍ଶନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ମନ୍ଦିର ପୂଜକମାନଙ୍କ ସହ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ।

---

# ଜାଫ୍ରା ଚାଷ

ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ସ୍ଥାୟୀ ଜୀବିକା ଯୋଗାଇ ଦେବାପାଇଁ ଆଇଟିଡିଏ ପକ୍ଷରୁ ଜାଫ୍ରା ଚାଷ ଆରମ୍ଭ ହୋଇଛି । ଚିତ୍ରକୋଣ୍ଡା ବ୍ଲକର ଗୁଣ୍ଡାୱାଡ଼ା ପଞ୍ଚାୟତର ଘାଟୁକୋଣ୍ଡା, ପୋପୁଲୁର ପଞ୍ଚାୟତର ସାନ୍ଦେରୀ ଏବଂ କୁର୍ମାନୁର ପଞ୍ଚାୟତର ଆଲୁରକୋଟା ଗ୍ରାମରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଛି । ଏହି ଅଭିଯାନରେ ପ୍ରାୟ ୧ ହଜାର ହେକ୍ଟର ଜମିରେ ୮ ଲକ୍ଷ ଜାଫ୍ରା ଚାରା ରୋପଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି । ସ୍ୱାଭିମାନ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷକୁ ସଂପୂର୍ଣ୍ଣ ରୂପେ ପ୍ରତିହତ କରି ଜାଫ୍ରା ମଞ୍ଜି ସଂଗ୍ରହ ଓ ବିକ୍ରି ମାଧ୍ୟମରେ ସ୍ଥାନୀୟ ଲୋକଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

---

# ଟ୍ରେନ୍ ଚଳାଚଳ

ଆସନ୍ତା ୧୧ ତାରିଖରୁ ପୁରୀରୁ ସପ୍ତାହକୁ ୩ ଦିନ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ୍ ଚାଲିବ ଏବଂ ୧୨ ତାରିଖରୁ କୋରାପୁଟରୁ ଟ୍ରେନ୍‌ଟି ବାହାରିବ । ସୋମବାର, ଗୁରୁବାର ଓ ଶନିବାର ଦିନ ଟ୍ରେନ୍‌ଟି ସକାଳ ୭ଟାରୁ ପୁରୀରୁ ବାହାରି ରାତି ୧୧ଟା ୩୦ ମିନିଟ୍‌ରେ କୋରାପୁଟରେ ପହଞ୍ଚିବ । କୋରାପୁଟରୁ ସକାଳ ୫ଟାରେ ଟ୍ରେନ୍‌ଟି ପୁରୀ ଅଭିମୁଖେ ଯାତ୍ରା

କରି ରାତି ୧୦ଟା ୨୦ ମିନିଟ୍‌ରେ ପହଞ୍ଚିବ । ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଟ୍ରେନ୍‌ଟି କୋରାପୁଟରୁ ଯାତ୍ରା କରିବ ।

## ଆର୍ଥିକ ସାକ୍ଷରତା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଣ୍ଡାରୀପୋଖରୀ ବ୍ଲକର ବନ୍ଦଲୋ ଗ୍ରାମପଞ୍ଚାୟତରେ ଆର୍ଥିକ ସାକ୍ଷରତା,ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାଇବର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ, ବ୍ୟାଙ୍କ ଅଧିକାରୀ ପ୍ରମୁଖ ଯୋଗଦେଇ ସଂଚୟ ଅର୍ଥର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସାକ୍ଷରତା ଏବଂ ସାଇବର ଅପରାଧରୁ ସୁରକ୍ଷିତ ରହିବା ସଂପର୍କରେ ପରାମର୍ଶ ଦେଇଥିଲେ ।

## ସ୍ୱନକ୍ଷତ୍ର ଦିବସ

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ନବରଙ୍ଗପୁରସ୍ଥିତ ଆର୍.ସି.ଡି. ଉଚ୍ଚବିଦ୍ୟାଳୟରେ ସ୍ୱନକ୍ଷତ୍ର ଦିବସ ୨୦୨୬ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାର ଆଦୃତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ରଗ୍‌ବି

ହାଇଦ୍ରାବାଦର ଜିଏସ୍‌ସି ବାଲଯୋଗୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିଅର ବାଳିକା ସେଭେନ୍ସ ରଗ୍‌ବୀ ଚମ୍ପିୟାନ୍‌ସିପ୍‌ରେ ଓଡ଼ିଶା ଚମ୍ପିୟାନ୍ ହୋଇଛି । ଗତକାଲି ଖେଳାଯାଇଥିବା ଫାଇନାଲ୍‌ରେ

ମହାରାଷ୍ଟ୍ରକୁ ୧୫-୦ରେ ହରାଇ ଓଡ଼ିଶା ବାଳିକା ଦଳ  ଟାଇଟଲ୍ ହାସଲ କରିଛି ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ଦୁର୍ବଳ ହେବା ପରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଆଜିଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ପାଣିପାଗ ବିଭାଗ ସୂଚନା ଅନୁସାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଆଜି ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।